# Akashvani, Sambalpur

## SAMBALPURI NEWS EVENING BULLETIN

## 30 April 2025- 7.02 pm- 7.12 pm.

*********************************************

୧- ଆଏବା ଜନ୍‌ଗଣନା ଜାତିଭିତିକ ଆଧାର୍‌ଥି କରାଯିବା ।

- କେନ୍ଦ୍ର କେବିନେଟ୍ ବୈଠକ୍‌ଥି ନିଆଗଲା ନିଷ୍ପତି ।

୨- ମୁମ୍ବାଇନ ଆଏବା କାଏଲ୍‌ଠାନୁ ମୂଲ୍ ହେବା ବିଶ୍ୱ ଦୃଶ୍ୟ ଶ୍ରାବ୍ୟ ମନୋରଞ୍ଜନ ସମ୍ମିଳନୀ "ୱେଭସ୍-୨୦୨୫", ଉଦ୍‌ଘାଟନ କର୍‌ବେ ପ୍ରଧାନମନ୍ତ୍ରୀ ।

୩- ରାଜ୍ୟର୍ ୫୧ ଲାଖ୍ ଚାଷୀଙ୍କୁ ୧ ହଜାର ୨୫ କୋଟି ସିଏମ୍ କିଷାନ୍ ସାହାଯ୍ ଟଙ୍କା ବାଁଟ୍‌ଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ପବିତ୍ର ଅକ୍ଷୟ ତୃତୀୟା ଅବ୍‌ସରେ ସାରା ରାଏଜର୍ ଚାଷୀମାନେ ଧାନ ବୁନି କରି କଲେ ଅଖିମୁଠି ଅନୁକୂଳ ।

- ପୁରୀ ରଥଯାତ୍ରା ଲାଗି ମୂଲ୍ ହେଲା ରଥ୍ ତିଆରି, ସେଆଡ଼େ ସମ୍ବଲପୁର ଶୀତଲଷଷ୍ଠୀ ଲାଗି ହେଲା ଥାଳ ଉଠା ପର୍‌ବ ।

କେନ୍ଦ୍ର କେବିନେଟ୍ ଏନ୍ଏସ୍ଡ଼ି

ଆଏବା ଜନଗଣନା ଜାତିଭିତିକ ଆଧାରଥି କର୍ବାର୍କେ କେନ୍ଦ୍ର ସରକାର ନିଷ୍ପତି ନେଇଛନ୍ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା ସଂସଦୀୟ ବ୍ୟାପାର କେବିନେଟ୍ କମିଟି ବୈଠକ୍ଥି ଇ ବାବ୍ଦେ ନିଷ୍ପତି ନିଆଯାଇଛେ ବଲି କେନ୍ଦ୍ର ସୂଚନା ଆଉ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ ।

ସେନ୍ତା କୁସେର୍ ଚାଷୀମାନେ ଇ ବଛର୍ କୁଇନ୍ଟାଲ ପିଛା ୩ଶହ ୫୫ଟଙ୍କା ଦର୍ଥି କୁସେର୍ ବିକ୍ବେ ବଲି କେବିନେଟ୍ ବୈଠକ୍ଥି ନିଷ୍ପତି ହେଇଛେ ।

ରାଜ୍ୟର୍ ବଡ଼ଭାଗୀ ଜିଲ୍ଲା ନ କାଲ୍ବୈଶାଖୀର୍ ବଲେ ବର୍ଷା ହେଇଥିବାର୍ନୁ ତାତି ଟିକେ କମିଛେ । ଆଏବା ୩ ଦିନ୍ତକ୍ ରାଜ୍ୟର୍ ସମୁଦ୍ର ଖଁଡ଼ି ଇଲାକା ସହେତେ ଭିନ୍ ଭିନ୍ ଜିଲ୍ଲାମାନ୍କେ ଘଡ଼୍ଘଡ଼ି ସାଙ୍ଗେ ବର୍ଷା ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । କାଲ୍ବୈଶାଖୀର୍ ଲାଗି ତାପମାତ୍ରା ୩ ନୁ ୫ ଡିଗ୍ରୀତକ୍ କମ୍ବା । ତାର୍ ଉତ୍ରୁ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ତାପମାତ୍ରା ୨ ନୁ ୪ ଡିଗ୍ରୀ ତକ୍ ବଢ଼୍ବା ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ସୂଚ୍ନା ଦିଆଯାଇଛେ । ରାଜ୍ୟର୍ ସବୁନୁ ଜହ ତାପମାତ୍ରା ଆଏଜ୍

ଝାର୍ସୁଗୁଡ଼ା ନ ୩୯ ଦଶ୍ମିକ୍ ୮ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ୍ କରାଯାଇଛେ ।

ୱେଭ୍ସ ସମ୍ମିଳନୀ                                   ପିଆଇବି

ମୁମ୍ବାଇ ଜିଓ ୱାର୍ଲଡ କନ୍ଭେନ୍ସନ୍ ସେଂଟର ଠାନ ଆଏବା କାଏଲ୍ ଠାନୁ ବିଶ୍ୱ ଦୃଶ୍ୟ ଶ୍ରାବ୍ୟ  ମନୋରଞ୍ଜନ ସମ୍ମିଳନୀ - ୱେଭ୍ସ -୨୦୨୫ ମୂଲ୍ ହେବା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍ଯ୍ୟକ୍ରମକେ ଉଦ୍ଘାଟନ କର୍ବେ । ୪ ଦିନ୍ ଧରି କରି ହେବାର୍କେ ଥିବା ଇ କାର୍ଯ୍ୟକ୍ରମ୍ଥି ଭାରତ୍ ସହେତେ ପୁର୍ଥିର ଭିନ୍ ଭିନ୍ ଦେଶର୍ ଗଣମାଧ୍ୟମ ଆଉ ମନୋରଞ୍ଜନ କ୍ଷେତ୍ରର୍ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ କରି ଅଭିଜ୍ଞତାର ଆଦାନ ପ୍ରଦାନ କର୍ବେ । ଇ କାର୍ଯ୍ୟକ୍ରମ ଭାରତ୍ନ ସୃଜନୀ ଅର୍ଥନୀତିକେ ବର୍କସ୍ କର୍ବା ବଲି ଆଶ୍ କରାଯାଉଛେ ।

ସିଏମ୍ କିଷାନ୍ ସାହାଯ୍                                   I&PR

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ରାଜ୍ୟର୍ ୫୧ ଲାଖ୍ ହିତାଧିକାରୀ ଚାଷୀଙ୍କୁ ୧ ହଜାର ୨୫ କୋଟି ଟଙ୍କାର୍ ସିଏମ୍ କିଷାନ୍ ସାହାଯ୍ ବାଁଟିଛନ୍ । ଭୁବନେଶ୍ୱର ବରମୁଣ୍ଡା ଓୟୁଏଟି ଫାର୍ମଠାନେ ଆଜି  ରାଜ୍ୟସ୍ତରୀୟ କୃଷକ ଦିବସ

ସମାରୋହଥି ମୁଖ୍ୟମନ୍ତ୍ରୀ ଯୋଗ ଦେଇ କରି ଅଖିମୁଠି ଅନୁକୂଲ କର୍‌ବାର୍ ସହେତେ ଇ ସାହାଯ୍ ଟଁକା ବାଁଟିଛନ୍ । ଇଥି ପହେଲା ଥର୍ ୨୫ ହଜାର ୫ ଶହ ୩୨ ଝନ୍ ସହରୀ ଇଲାକା ଚାଷୀମାନ୍‌କୁ ସାମିଲ୍ କରାଯାଇଛେ । ଇ ଅବ୍‌ସରେ ଉଦ୍‌ବୋଧନ ଦେଇ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଏବା ୫ ବଛର୍ ଭିତ୍‌ରେ ୧୫ ଲାଖ୍ ହେକ୍ଟର ଜମିଥି ଜଲସେଚନ ବ୍ୟବସ୍ଥା କର୍‌ବାର୍‌କେ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ ବଲି କହିଛନ୍ ।

ରାଜ୍ୟ ସରକାର ଭିନ୍ ଭିନ୍ କୃଷକ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରି କରି ଚାଷୀମାନ୍‌କର୍ ଅମଲ୍ ଆର୍ ରୋଜଗାର ବଢ଼ାବାର୍ ଚେରେଷ୍ଟା ଜାରି ରଖିଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍ - ମୁଖ୍ୟମନ୍ତ୍ରୀ)

ଇ ଅବସ୍‌ସରେ ମୁଖ୍ୟମନ୍ତ୍ରୀ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର ଲିଖିତ "କୃଷକ ସଂଗୀତ" ପୁସ୍ତକ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମଥି ଉପମୁଖ୍ୟମନ୍ତ୍ରୀ ଆଉ କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଯୋଗ ଦେଇ କରି ଚାଷୀମାନ୍‌କୁ ବଜାର୍ ଯୁଗେଇ ଦେବାର୍ ସହେତ୍ ତାଙ୍କର ଦରବ୍‌ର ଉଚିତ୍ ଦାମ୍ ଯୁଗେଇ ଦେବାର୍‌କେ ସରକାର ଚେରେଷ୍ଟା ଜାରି ରଖିଛନ୍ ବଲି କହିଛନ୍ ।

## ଶିଶୁ ବିକାଶ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା I&PR

ଭୁବନେଶ୍ୱର ଲୋକସେବା ଭବନ ମହିଳା ଆର୍ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷନ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମହିଳା ଆଉ ଶିଶୁ ବିକାଶ ବିଭାଗର କାର୍ଯ୍ୟକ୍ରମ ମାନ୍କର୍ ସମୀକ୍ଷା କରିଛନ୍ । କାର୍ଯ୍ୟକ୍ରମଥି ରାଜ୍ୟକେ କୁପୋଷଣ ମୁକ୍ତ କର୍ବାର୍ ଲାଗି ମିଶନ ମୋଡ୍ଥି କାମ୍ କର୍ବାର୍କେ ଉପମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ ଦେଇଛନ୍ । ପୋଷଣ ବାବ୍ଦେ ରାଜ୍ୟର ଚାରିଆଡ଼େ ଜନସଚେତନତା ସୃଷ୍ଟି କର୍ବାରକେ ଉପମୁଖ୍ୟମନ୍ତ୍ରୀ କହିଛନ୍ । ଇତାର୍ ସହେତେ ସୁଭଦ୍ରା , ମମତା, ସୂଚନା, ଶିକ୍ଷା ଆଉ ଯୋଗାଯୋଗ କାର୍ଯ୍ୟକ୍ରମ୍ର ଭିଲ୍ ସମୀକ୍ଷା କରିଛନ୍ ।

## ଜୟଦେବଙ୍କର ଜୟନ୍ତୀ I&PR

ଓଡ଼ିଆ ଭାଷା ସାହିତ୍ୟ ଆର୍ ସଂସ୍କୃତି ବିଭାଗ ଆଉ ଓଡ଼ିଆ ସାହିତ୍ୟ ଏକାଡ଼େମୀ ତରଫୁ ଭୁବନେଶ୍ୱର ଜୟଦେବ ଭବନ ଠାନେ ଗୀତ ଗୋବିନ୍ଦ ରଚୟିତା ଜୟଦେବଙ୍କର ଜୟନ୍ତୀ ଉତ୍ସବ ପାଳିତ ହେଇଯାଇଛେ । ସଖାଲ ବେଲା ହେଇଥିବାର୍ କାର୍ଯ୍ୟକ୍ରମଥି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଯୋଗ ଦେଇ

କରି  ଜୟଦେବଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଇ ଅବ୍‌ସରେ "ଶ୍ରୀ ଜୟଦେବ ଓ ଗୀତ  ଗୋବିନ୍ଦ" ଶୀର୍ଷକ ଆଲୋଚନାଚକ୍ର ହେଇଥିଲା ।

ମୁଖ୍ୟମନ୍ତ୍ରୀ ସାହାଯ୍‌ CMO

କାମ୍‌ କରୁଥିଲା ବେଳେ ପିସିଆର୍‌ ଭେନ୍‌ ଦୁର୍ଘଟନାରେ ଜୀବନ୍‌ ହାରିଥିବାର୍‌ ହୋମଗାର୍ଡ ଜଗବନ୍ଧୁ ମାହାଲିଙ୍କର ପତ୍ନୀ ପ୍ରଭାସିନୀ ବେହେରା ଆଉ ଓପିଏଫ୍‌ ଯବାନ୍‌ ଲୋକନାଥ ଶବରଙ୍କର ପତ୍ନୀ ଦେବୀ ଶବରଙ୍କୁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ନିଯୁକ୍ତିପତ୍ର ସହେତେ ୧୦ ଲକ୍ଷ ଲେଖାଁ ସାହାଯ୍‌ ଟଙ୍କା ଦେଇଛନ୍‌ । ଲୋକସେବା ଭବନ୍‌ ଠାନେ ଆୟୋଜିତ ଗୁଟେ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଇ ସାହାଯ୍‌ ଦେଇଥିଲେ ।

ଶ୍ରମିକ ଦିବସ I&PR

ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନ୍‌ ନ ଆଏବା କାଏଲ୍‌ ରାଜ୍ୟସ୍ତରୀୟ ଅର୍ନ୍ତଜାତୀୟ ଶ୍ରମିକ ଦିବସ ସମାରୋହ ଆୟୋଜନ କରାଯିବା ।  ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେବାର୍‌ କାର୍ଯ୍ୟସୂଚୀ ରହିଛେ ।

ଅକ୍ଷିମୁଠି ସମ୍ବଲପୁର/ବରଗଡ଼/ସୁବର୍ଣ୍ଣପୁର/
ଝାରସୁଗୁଡ଼ା/ବୌଦ୍ଧ/ବଲାଙ୍ଗିର ସମ୍ବାଦଦାତା

ପବିତ୍ର ଅକ୍ଷୟ ତୃତୀୟା ଅବ୍‌ସରେ ସାରା ରାଏଜର୍ ଚାଷୀମାନେ ଆଏଜ୍ ଧାନ ବୁନି କରି ଅକ୍ଷିମୁଠି ଅନୁକୂଲ କରିଛନ୍ । ଇ ଅବ୍‌ସରେ ଭିନ୍ ଭିନ୍ ଜାଗାନ କୃଷିଭିତିକ କାର୍ଯ୍ୟକ୍ରମ୍‌ମାନ ଆୟୋଜନ୍ କରାଯାଇଛେ । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଗଞ୍ଜାମ ଜିଲ୍ଲା ଗୋଳନ୍ଥରା କୃଷି ବିଜ୍ଞାନ କେନ୍ଦ୍ରନ ହେଇଥିବା କୃଷି ଦିବସ କାର୍ଯ୍ୟକ୍ରମଥି ଯୋଗ ଦେଇ କରି ଅକ୍ଷିମୁଠି ଅନୁକୂଲ କରିଛନ୍ । ଭୁବନେଶ୍ୱର ଓୟୁଏଟି ଫାର୍ମନ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଅକ୍ଷିମୁଠି ଅନୁକୂଳ କରିଥିଲା ବେଲ୍‌କେ ଭିନ୍ ଭିନ୍ ମନ୍ତ୍ରୀମାନେ ରାଜ୍ୟର ଭିନ୍ ଭିନ୍ ଜିଲ୍ଲାନ ଅକ୍ଷିମୁଠି ଅନୁକୂଲ କରିଛନ୍ ।

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଭୋଜପୁର ଠାନେ ଜିଲ୍ଲାସ୍ତରୀୟ କୃଷକ ଦିବସ ପାଲିତ ହେଇଛେ । ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଅକ୍ଷିମୁଠି ଅନୁକୂଳ କରି କରି କ୍ଷେତେ ଧାନ ବୁନି ଥିଲେ । ଇ ଅବ୍‌ସରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆର୍ ଜିଲ୍ଲା କୃଷି ଅଧିକାରୀ ଉପସ୍ଥିତ ଥିଲେ । ତାର୍ ଉତ୍‌ରୁ ଭୋଜପୁର ମାର୍କେଟ ୟାର୍ଡ ଠାନେ ଜିଲ୍ଲାସ୍ତରୀୟ କୃଷି ଦିବସ ସମାରୋହ ହେଇଥିଲା ।

ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ ଚକ୍ଲି ଫାର୍ମ ଠାନେ ଜିଲ୍ଲାସ୍ତରୀୟ କୃଷକ ଦିବସ କାର୍ଯ୍ୟକ୍ରମ ହେଇଯାଇଛେ । ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗ ଦେଇ କରି ଅଖି ମୁଠି ଅନୁକୂଲ କରିଛନ୍ । ଇ ଅବ୍ସରେ ଜିଲ୍ଲାର ପାଖାପାଖି ୨ ଲାଖ୍ ଚାଷୀଙ୍କୁ ସିଏମ୍ କିଷାନ୍ ସାହାଯ୍ ଟଙ୍କା ବାଁଟି କରି ଜିଲ୍ଲାର କିଛି ସଫଲ ଚାଷୀମାନ୍କୁ ପୁରସ୍କାର ଦେଇଛନ୍ ।

ଅକ୍ଷୟ ତୃତୀୟ ଅବସ୍ରେ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ କୃଷକ ଦିବସ  ପାଲିତ ହେଇଯାଇଛେ । ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ପରିସରନ ହେଇଥିବା ସମାରୋହଥି ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ କରି ଅଖିମୁଠି ଅନୁକୂଳ କରିଥିଲେ । ଆଏବା ଖରିଫ୍ ଋତୁଥି ଚାଷୀଙ୍କର ଆୟ ଦୁଇ ଗୁନା କର୍ବାର୍ ଲକ୍ଷ୍ୟ ରଖାଯିବାର୍ ସହେତେ ଅଏତ୍କା ଅର୍ଥକାରୀ ଫସଲ କର୍ବାର୍କେ ଚେରେଷ୍ଟା କରାଯାଉଛେ ବଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ । ଇ ବଛର୍ ଜିଲ୍ଲାନ ୧ ଲାଖ୍ ୨୮ ହଜାର ହେକ୍ଟର ଜମିଥି ଧାନ୍ ଚାଷ୍ କର୍ବାର୍କେ ଲକ୍ଷ୍ୟ ରଖାଯାଇଛେ ବଲି ସେ କହିଛନ୍ ।

ଝାରସୁଗୁଡ଼ା କୃଷିବିଜ୍ଞାନ କେନ୍ଦ୍ରନ ହେଇଥିବା କୃଷି ଦିବସ କାର୍ଯ୍ୟକ୍ରମଥି ବିଧାୟକ ଟଙ୍କଧର ତ୍ରିପାଠୀ ଅଖିମୁଠି ଅନୁକୂଲ

କରିଛନ୍ । ଇ ଅବ୍ସରେ ଚାଷୀମାନ୍କୁ ସିଏମ୍ କିଷାନ୍ ସାହାଯ୍ ଟଙ୍କା ଚେକ୍ ଦିଆଯାଇଛେ ।

ବୌଦ୍ଧ ଜିଲ୍ଲା କୃଷି ବିଭାଗ୍ ତରଫୁ ହେଇଥିବା ଅକ୍ଷୟ ତୃତୀୟା କାର୍ଯ୍ୟକ୍ରମଥି ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଯୋଗ ଦେଇ କରି ଅଖିମୁଠି ଅନୁକୂଳ କରିଛନ୍ ।

ବଲାଙ୍ଗିର ଜିଲ୍ଲା ଲର୍କିପାଲି ଠାନେ ଥିବା ରାଜେନ୍ଦ୍ର ଏକ୍ପେରିମେନ୍ଟାଲ ଫାର୍ମ ଠାନେ ହେଇଥିବା ଜିଲ୍ଲାସ୍ତରୀୟ କୃଷି ଦିବସ କାର୍ଯ୍ୟକ୍ରମଥି ଅତିରିକ୍ତ ଜିଲ୍ଲାପାଳ ଯୋଗ ଦେଇ କରି ଅଖି ମୁଠି ଅନୁକୂଳ କରିଛନ୍ ।

ରଥ ତିଆରି ଅନୁକୂଳ                    ପୁରୀ ସମ୍ବାଦଦାତା

ପବିତ୍ର ଅକ୍ଷୟ ତୃତୀୟ ଅବ୍ସରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଲାଗି ପୁରୀ ଶ୍ରୀକ୍ଷେତ୍ର ନ ଆଏଜ୍ ରଥ୍ ତିଆରି କାମ୍ ମୂଲ୍ ହେଇଛେ । ଆଏଜ୍ ପାହାଁତିଆନୁ ମାହାପ୍ରୁରୁ ମାନ୍କର୍ ନୀତିକାନ୍ତି ସର୍ଲା ଉତ୍ରୁ ଚଳନ୍ତି ପ୍ରତିମାକେ ବିମାନ୍ଥି ବିଜେ କରାଯାଇ କରି ରଥ୍ଖଲାକେ ଆଜ୍ଞାମାଲ ଅନାଯାଇଥିଲା । ତାର୍ ଉତ୍ରୁ ରଥ୍ ଖଲାନୁ ଆଘୋନୁ ରଖାଯାଇଥିବା ୩ ଖଁଡ୍ ଧଉଁରା କାଠ୍ଥି କୁଢ଼ାରୀ ମାରି କରି ରଥ୍ ତିଆର୍ ନୀତି ଅନୁକୂଲ୍ ହେଇଥିଲା ।

ଇତାର୍ ସହେତେ ଆଏଜ୍ ଠାନୁ ମାହାପୁରୁମାନ୍‌କର୍ ୨୧ ଦିନିଆ ବାହାର୍ ଚନ୍ଦନ ଯାତ୍ରା ଭିଲ୍ ମୂଲ୍ ହେଇଛେ । ରଥ୍ ଅନୁକୂଲ ନୀତି ଉତ୍ରୁ ମାହାପୁରୁମାନ୍‌କର୍ ଚଲନ୍ତି ପ୍ରତିମାଙ୍କୁ ନରେନ୍ଦ୍ର ପୁଷ୍କରିଣୀନୁ ନୌକାବିହାର କରାଯାଇଥିଲା । ମାହାପୁରୁମାନ୍‌କର୍ ଇ ଲୀଲାଖେଳା ଦେଖିବାର୍ ଲାଗି ଭକତ୍‌ମାନ୍‌କର୍ ଜବର୍ ଭିଡ୍ ଲାଗି ରହିଛେ ।

**ଶୀତଲଷଷ୍ଠୀ ଥାଳ ଉଠା** **ସମ୍ବଲପୁର ସମ୍ବାଦଦାତା**

ଆଏଜ୍ ହେଉଛେ ସମ୍ବଲପୁରର ପ୍ରସିଦ୍ଧ ଶୀତଲଷଷ୍ଠୀ ଯାତ୍ରାର ଆଦ୍ୟ ପରବ ଥାଳ ଉଠା ପରବ୍ । ଦେବ ଦମ୍ପତିଙ୍କର ବିହା ଆଉ ଶୀତଲଷଷ୍ଠୀ ଯାତ୍ରା ଲାଗି ପାରମ୍ପରିକ ରୀତିନୀତି ଅନ୍‌ସାରେ ଥାଳ ଉଠା ଯାଇ କରି ବିହାର୍ ନୀତି ନିର୍ଘଂଟ ହେଇଛେ । ନନ୍ଦପଡ଼ା ବମ୍ ବରାଡ଼୍ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ା ଲୋକନାଥ ବାବା ଆଉ ମୁଦିପଡ଼ାର ଜାଗେଶ୍ୱର ବାବାଙ୍କର ସହେତେ ସବୁ ଯାତ୍ରା କମିଟି ତର୍‌ଫୁ ଥାଳ ଉଠା ଯାଇଛେ । ଇତାର୍ ସହେତେ କନ୍ୟା ପିତାମାତା ବି ଚୟନ କରାଯାଇଛେ । ଝାଡୁଆପଡ଼ା କମିଟିଥି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପତ୍ନୀ ପଦ୍ମିନୀଙ୍କର ସହେତେ କନ୍ୟାପିତାମାତା ହେବେ ।

ସେନ୍ତା ନନ୍ଦପଡ଼ା କମିଟିଥି ପ୍ରତାପ ନନ୍ଦ ପତ୍ନୀ ଲିପିକାଙ୍କର ସହେତେ କନ୍ୟାପିତାମାତା ହେବେ ।

କନ୍ୟାପିତାମାତା ଚୟନ୍ କରାଯିବାର୍ ଉତ୍‌ରୁ ନିଜର୍ ନିଜର ପଡ଼ାନ ପୂଝାରୀମାନେ ଥାଳ ଧରି କରି ବୁଲିଛନ୍ । ଥାଳ ଉଠବାର୍ ମାସେ ପରେ ଶୀତଳଷଷ୍ଠୀ ଯାତ୍‌ରା ହେବା ।

ଯୁକ୍ତ ଦୁଇ ଫଳାଫଳ ସମ୍ବଲପୁର ସମ୍ବାଦଦାତା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତରଫୁ ଦୁଇଟା ଖେପେ ଚାଲିଥିବା ଯୁକ୍ତ ଦୁଇ ପରୀକ୍ଷା ଖାତା ଦେଖା ଆଏଜ୍ ଶେଷ୍ ହେଇଛେ । ଆଏବା ମାସ ୧୫ ତାରିଖ୍ ତକ୍ ପରୀକ୍ଷା ଫଳ ବାହାରିବା ବଲି ପରିଷଦ୍ ତର୍‌ଫୁ କୁହାଯାଇଛେ । ଇ ବଛର୍ ମୋଟ୍ ୩ ଲାଖ୍ ୯୬ ହଜାର ଛାତ୍ରଛାତ୍ରୀ ଯୁକ୍ତ ୨ ପରୀକ୍ଷା ଦେଇଥିଲେ ।

ମେ ୧୫ନୁ ଧାନଘିନା ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର ଜିଲ୍ଲାନ ଆଏବା ୧୫ ତାରିଖ୍‌ନୁ ୮୭ଟା କେନ୍ଦ୍ର ଜରିଏ ଡାଲୁଆ ଧାନ ଘିନା ମୂଳ୍ ହେବା । ଜିଲ୍ଲାପାଳ ଅନ୍ୟା ଦାସଙ୍କର ଅଧ୍ୟକ୍ଷତାଥି ହେଇଥିବା ଜିଲ୍ଲାସ୍ତରୀୟ ଧାନ୍ ଘିନା କମିଟି ବୈଠକ୍‌ଥି

ଇ ନିଷ୍ପତି ନିଆଯାଇଛେ । ବୈଠକ୍‌ର ନିଷ୍ପତି ଅନ୍‌ସାରେ ଇ ବଛର୍ ଜିଲ୍ଲା ପ୍ରଶାସନ ତର୍‌ଫୁ ପାଖାପାଖ୍ ୧ କୋଟି ୬୩ ଲାଖ୍ କୁଇନ୍‌ଟାଲ ଧାନ୍ ଘିନ୍‌ବାର୍ ଲକ୍ଷ୍ୟ ରଖାଯାଇଛେ । ଇଥିର୍ ଲାଗି ଜିଲ୍ଲାର ୩୫ ହଜାର ୪୪୫ ଝନ୍ ଚାଷୀ ପଂଜୀକୃତ ହେଇଛନ୍ ।

ବଜ୍ରପାତ, ୨ ମୃତ ବରଗଡ଼ ସମ୍ବାଦଦାତା

ବରଗଡ଼ ଜିଲ୍ଲା ପଦମପୁର ଉପଖଣ୍ଡ ଲଖମରା ଗାଁ ନ ଚଡ଼କ ମାରି କରି ଗୁଟେ ପରିବାରର ୨ ଝନ୍‌କର୍ ଜୀବନ୍ ଯାଇଛେ । ଖବର ପାଇ କରି ପ୍ରଶାସନିକ ଅଧିକାରୀମାନେ ଘଟ୍‌ନା ଛାନଭିନ୍ ଭିଲ୍ କରିଛନ୍ ।

ପାଣିପାଗ - ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର ଆଂଚଲିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର ବଡ଼ଭାଗୀ ଇଲାକାନ ଧୁକା ଗର୍ଜି ସହେତେ ହାଲ୍‌କାନୁ ମଏଧମ୍ ବର୍ଷା ହେଇପାରେ । କିଛିଟା ଜାଗାନ ୫୦ନୁ ୬୦ କିଲୋମିଟର ବେଗେ ପବନ୍ ବହିପାରେ । ଜବର ବର୍ଷା ଆର୍ କରାମାଡ଼୍‌କେ ନେଇ କରି

ପଶ୍ଚିମଓଡ଼ିଶା ସହେତେ ୨୦ଟା ଜିଲ୍ଲାକେ ପାଣିପାଗ କେନ୍ଦ୍ର ସତର୍କ କରିଛେ ।